# ଏଫଏମ ବିଶ୍ୱବିଦ୍ୟାଳୟରେ ମନ୍ମଥ ନାଥ ଦାସଙ୍କ ଜନ୍ମ ଶତବାର୍ଷିକୀ

# ସେ ଥିଲେ ଶୈକ୍ଷିକ ଜଗତର ସୂର୍ଯ୍ୟ

ନୂଆପାଢ଼ା,୧୫।୫(ଆ.ପ୍ର): ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ସାହିତ୍ୟ ଏକାଡେମିର ମିଳିତ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଐତିହାସିକ, ସାହିତ୍ୟିକ ଓ ବିଶିଷ୍ଟ ଶିକ୍ଷାବିତ୍ ମନ୍ମଥ ନାଥ ଦାସଙ୍କ ଜନ୍ମ ଶତବାର୍ଷିକୀ ବିଶ୍ୱବିଦ୍ୟାଳୟରେ ପାଳିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ମନ୍ମଥ ନାଥ ଦାସଙ୍କ ବୋହୂ ରଞ୍ଜିତା ଦାସ ଯୋଗଦେଇ ଏଭଳି ସମ୍ମାନସ୍ପଦ କାର୍ଯ୍ୟକ୍ରମ ଆୟୋଜନକୁ ନେଇ ଭାବାବେଗ ସହ ଅଭିଭାଷଣ ପ୍ରଦାନ କରିଥିଲେ। ସଭା ମୁଖ୍ୟ ରୂପେ ସାହତ୍ୟ ଏକାଡେମିର ଓଡ଼ିଆ ଉପଦେଷ୍ଟା ପରିଷଦର ଆବାହକ ଗୌରହରି ଦାସ ଯୋଗଦେଇ ମନ୍ମଥ ନାଥଙ୍କ ରଚିତ ପୁସ୍ତକଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଐତିହାସିକ ଖାରବେଳ ମହାନ୍ତି ଯୋଗଦେଇ ମନ୍ମଥ ନାଥ ଦାସଙ୍କ ସମ୍ପର୍କିତ ଅନେକ ମୂଲ୍ୟବାନ ସଂଯୋଗିକ ପ୍ରସଙ୍ଗମାନ ଉପସ୍ଥାପନ କରିଥିଲେ। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମନ୍ମଥ ନାଥଙ୍କୁ ରାଜ୍ୟ, ଦେଶ ତଥା ବିଶ୍ୱର ଜଣେ ଯୋଗଜନ୍ମା ପୁରୁଷ କହି ସମ୍ବୋଧନ କରିବା ସହ ସେ ଶୈକ୍ଷିକ ଜଗତର ଜଣେ ସୂର୍ଯ୍ୟ ଥିଲେ ବୋଲି ମତବ୍ୟକ୍ତ କରିଥିଲେ।




ଏହି କାର୍ଯ୍ୟକ୍ରମର ଦୁଇଟି ବୈଷୟିକ ଅଧିବେଶନରେ ଦାଶ ବେନହୁର, ଅଭିରାମ ବିଶ୍ୱାଳ, ରୁଦ୍ରାଣୀ ମହାନ୍ତି, ସହଦେବ ସାହୁ, ଅଶୋକ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ପ୍ରଧାନ, ଲକ୍ଷ୍ମୀକାନ୍ତ ତ୍ରିପାଠୀ, ପ୍ରହ୍ଲାଦ ସିଂହ ପ୍ରମୁଖ ଯୋଗଦେଇ ମନ୍ମଥ ନାଥଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ଉଦ୍‌ଘାଟନୀ ସଭାରେ ସାହିତ୍ୟ ଏକାଡେମି (କୋଲକାତା)ର ଭାରପ୍ରାପ୍ତ ଅଧିକାରୀ କ୍ଷେତ୍ରବାସୀ ନାଏକ ସ୍ୱାଗତ ଭାଷଣ ରଖିଥିଲେ। କାର୍ଯ୍ୟକ୍ରମକୁ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର ସଂଚାଳନା କରିଥିଲେ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଆସିଷ୍ଟାଣ୍ଟ ପ୍ରଫେସର ଡ. ଜୟନ୍ତ କୁମାର ଦାସ ଓ ଡ. ପ୍ରହ୍ଲାଦ ଖିଲ ଧନ୍ୟବାଦ ଅର୍ପଣ କରିଥିଲେ।